# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା ଜନନୀ, ଜନନୀ, ଜନନୀ ।।
ଘନ ବନଭୂମି ରାଜିତ ଅଙ୍ଗେ.
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ, ଜନନୀ, ଜନନୀ, ଜନନୀ ।।
ସୁନ୍ଦରଶାଳି-ସୁଶୋଭିତ- କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା ଜନନୀ, ଜନନୀ, ଜନନୀ ।
ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା ଜନନୀ, ଜନନୀ, ଜନନୀ ।।
ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା ଜନନୀ, ଜନନୀ, ଜନନୀ ।।
କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚୀରଶରଣ୍ୟେ ଜନନୀ, ଜନନୀ, ଜନନୀ ।।

( କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର )

ସୌଜନ୍ୟ: ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ

ଇ- ନିମନ୍ତ୍ରଣ

# ଓଡିଶା ଦିବସ
ଓ
# ଜିଲ୍ଲା ପ୍ରତିଷ୍ଠା ଦିବସ ସମାରୋହ-୨୦୨୧




ଜିଲ୍ଲା ପ୍ରଶାସନ, ଅନୁଗୋଳ

ମହାଶୟା/ମହାଶୟ,

ଓଡିଶା ଦିବସ ଉତ୍କଳର ଗର୍ବ, ଗୌରବ ଓ ଗାରିମାର ଦିବସ । ଏହା ଓଡିଶାର ସ୍ୱାଭିମାନ ସହିତ ଜଡିତ । ଯେଉଁ ମହାପୁରୁଷମାନେ ବିଖଣ୍ଡିତ ଓଡିଶାକୁ ଏକତ୍ରିକରଣ କରିଥିଲେ ସେମାନଙ୍କୁ ଭକ୍ତିଭରା ହୃଦୟରେ ପ୍ରଣତି ଜଣାଇବା ଓ ସ୍ମରଣ କରିବାର ଦିବସ । ଆସନ୍ତୁ ଆମେ ସେମାନଙ୍କ ତ୍ୟାଗ ଓ କର୍ମନିଷ୍ଠ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନଙ୍କ ସ୍ମୃତିଚାରଣ ପୂର୍ବକ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ।

ପବିତ୍ର **ଓଡିଶା ଦିବସ ଏବଂ ଜିଲ୍ଲା ପ୍ରତିଷ୍ଠା ଦିବସ** ପାଳନ ପରିପ୍ରେକ୍ଷୀରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ କୋଭିଡ ମାର୍ଗଦର୍ଶିକା ଅନୁଯାୟୀ ଏକ ସାଧାରଣ ସଭା ଆୟୋଜିତ ହେଉଅଛି ।

ଏଥିରେ ମାନନୀୟା **ଶ୍ରୀମତୀ ବାସନ୍ତୀ କିଷାନ**, ଅଧକ୍ଷା, ଜିଲ୍ଲା ପରିଷଦ, ଅନୁଗୋଳ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ।
**ଶ୍ରୀଯୁକ୍ତ ମହେଶ ସାହୁ**, ମାନ୍ୟବର ସାଂସଦ, ଢେଙ୍କାନାଳ, **ଶ୍ରୀଯୁକ୍ତ ନିତିଶ ଗଙ୍ଗଦେବ**, ମାନ୍ୟବର ସାଂସଦ, ସମ୍ବଲପୁର, **ଶ୍ରୀଯୁକ୍ତ ବ୍ରଜକିଶୋର ପ୍ରଧାନ**, ମାନ୍ୟବର ବିଧାୟକ, ତାଳଚେର, **ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାଏ**, ମାନ୍ୟବର ବିଧାୟକ, ଆଠମଲ୍ଲିକ, **ଶ୍ରୀଯୁକ୍ତ ସୁଶାନ୍ତ କୁମାର ବେହେରା**, ମାନ୍ୟବର ବିଧାୟକ, ଛେଣ୍ଡିପଦା, **ଶ୍ରୀଯୁକ୍ତ ମୁକେଶ କୁମାର ପାଲ୍**, ମାନ୍ୟବର ବିଧାୟକ, ପାଲଲହଡା ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ।

ଉତ୍ସବର ସମସ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

**ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ**, ଆଇ. ଏ. ଏସ୍
ଜିଲ୍ଲାପାଳ ତଥା ଅଧକ୍ଷ
ଓଡିଶା ଦିବସ ପାଳନ କମିଟି, ଅନୁଗୋଳ

# କାର୍ଯ୍ୟସୂଚୀ

## ତା ୦୧.୦୪.୨୦୨୧ (ଗୁରୁବାର)

**ସକାଳ ଘ. ୦୭.୦୦ ମି.** : ସହରରେ ଥିବା ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ ।

**ସକାଳ ଘ. ୦୭.୪୫ ମି.** : ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ । (ଗାନ୍ଧି ପାର୍କ )

**ସକାଳ ଘ. ୦୮.୦୦ ମି.** : ଉତ୍କଳର ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ । (ଗୋପବନ୍ଧୁ ପାର୍କ )

**ସକାଳ ଘ. ୦୮.୩୦ ମି.** : ଅନୁଗୋଳ ରକ୍ତ ଭଣ୍ଡାର ଓ ଜିଲ୍ଲା ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ଆନୁକୂଲ୍ୟରେ ରକ୍ତ ଭଣ୍ଡାର ଠାରେ ରକ୍ତ ଦାନ ଶିବିର ଆୟୋଜନ ।

**ଅପରାହ୍ନ ଘ. ୦୬.୦୦ ମି.** : ସାଧାରଣ ସଭା ଓ ପୁରସ୍କାର ବିତରଣ ଜିଲ୍ଲା ପରିଷଦ ସମ୍ମଳନୀ କକ୍ଷ, ଅନୁଗୋଳ

**ସନ୍ଧ୍ୟା ଘ. ୦୬.୩୦ ମି.** : ସାଂସ୍କୃତିକ କାର୍ଯ୍ୟକ୍ରମ । (ଜିଲ୍ଲା ସଂସ୍କୃତି ପରିଷଦ, ଅନୁଗୋଳ)

" ମାତୃଭୂମି ମାତୃଭାଷା ଉଭୟେ ଜନନୀ,
ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ "
- ଭକ୍ତ କବି ମଧୁସୂଦନ ରାଓ